Adda247

GET IT ON Google Play

# Odisha
# SSB PGT

## Previous Year Paper

(Odia)

10 Sept, 2023

Test Prime By Adda247

# ALL EXAMS, ONE SUBSCRIPTION

*Test. Analyze. Improve. Repeat.*

## Don't just prepare. Perform.

Test Prime – built only for mock tests.

Adda247 Test Prime
Adda Education • Education
Installed
Rating
Editors' choice
New
Mocks for Every Exam
Test. Analyze. Improve. Repeat.
All India Rankings

| 1,50,000+ | 25,000+ | 800+ | 500% |
|---|---|---|---|
| Mock Tests | Previous Year Papers | Exam Covered | Refund on Selection |

**5 lakh+** Free Quizzes

**Daily** Free PDFs

**Top Alerts** Stay Updated

### WHY TEST PRIME?

- Multilingual
- Detailed Solution
- Strong and Weak Areas
- All India Rankings

Safe & Reliable

Trusted by Lakhs of Aspirants

Your Success, Our Mission

## DOWNLOAD TEST PRIME

*Your Success Partner!*

GET IT ON Google Play

Download on the App Store

Adda247
GET IT ON Google Play

1. ଓଡ଼ିଆ, ବଙ୍ଗଳା ଓ ଅସମୀୟା ଭାଷାମାନଙ୍କର ଅବ୍ୟବହିତ ପୂର୍ବରୂପ 'ବୌଦ୍ଧଗାନ ଓ ଦୋହା'ରେ କେଉଁ ଭାଷାର ବ୍ୟବହାର ଦେଖାଯାଏ?

(A) ଶୌରସେନୀ ଅପଭ୍ରଂଶ
(B) ପୈଶାଚୀ ଅପଭ୍ରଂଶ
(C) ମହାରାଷ୍ଟ୍ରୀ ଅପଭ୍ରଂଶ
(D) ମାଗଧୀ ଅପଭ୍ରଂଶ

2. କେଉଁ ବେଦକୁ 'ଶୁକ୍ଳ' ଓ 'କୃଷ୍ଣ' ଭେଦରେ ଦୁଇଭାଗରେ ବିଭକ୍ତ କରାଯାଇଛି ?

(A) ଋଗ୍‌ବେଦ
(B) ସାମବେଦ
(C) ଯଜୁର୍ବେଦ
(D) ଅଥର୍ବବେଦ

3. ଭୁବନେଶ୍ୱରରୁ ପ୍ରାପ୍ତ ଦ୍ୱୈଭାଷିକ ଶିଳାଲେଖରେ କେଉଁ କେଉଁ ଭାଷାର ବ୍ୟବହାର ଦେଖାଯାଏ ?

(A) ସଂସ୍କୃତ ଓ ପାଲି
(B) ପ୍ରନ୍ ଓଡ଼ିଆ ଓ ତାମିଲ
(C) ସଂସ୍କୃତ ଓ ତାମିଲ
(D) ସଂସ୍କୃତ ଓ ପ୍ରନ୍ ଓଡ଼ିଆ

4. ତ୍ରିମାଳୀ ମଠର ତାମ୍ରପଟା କେଉଁ ମସିହାରେ ଉତ୍କୀର୍ଣ୍ଣ ହୋଇଥିଲା?

(A) ୧୦୪୧
(B) ୧୨୪୯
(C) ୧୩୮୪
(D) ୧୬୬୪

5. ଦ୍ରାବିଡ଼ ଭାଷା 'କୋଟ'ର ଓଡ଼ିଆ ପରିଭାଷା କ'ଣ ?

(A) ଦୁର୍ଗ
(B) ତାଲୁକ୍
(C) ଅଞ୍ଚଳ
(D) ଗ୍ରାମ

6. ଅଭିଲେଖରେ ବ୍ୟବହୃତ 'କୀସଣ' ଠାରେ କେଉଁ ପ୍ରକ୍ରିୟା ବ୍ୟବହାରର ନିଦର୍ଶନ ମିଳେ ?

(A) ସମୀଭବନ
(B) ଧ୍ୱନି ଆଗମ
(C) ସ୍ୱର ବିପର୍ଯ୍ୟୟ
(D) ସ୍ୱର ସଂଗତି

Contd.

Adda247

GET IT ON Google Play

7. "ବୁଢ଼ାଲୋକ ଥାଉ ଠାକୁରେ ପ୍ରଣାମ ହୋଇ, ଏମନ୍ତ ବୋଲି ଦରପ କରାଇଲେ ।" ଏହା କେଉଁ କୃତିର ଭାଷା ?

(A) ରୁଦ୍ରସୁଧାନିଧି

(B) ବତ୍ରିଶ ସିଂହାସନ

(C) ମାଦଳାପାଞ୍ଜି

(D) ଶିଶୁବେଦ

8. "ଅବୋଧେ ଉପହାସ କଲାରେ ଆମନ୍ତ ।" 'ଆମନ୍ତ'ରେ ବ୍ୟବହୃତ 'ନ୍ତ' ପ୍ରତ୍ୟୟର ପ୍ରୟୋଗ କେଉଁଥିପାଇଁ ହୋଇଛି ?

(A) ପ୍ରଥମା ବିଭକ୍ତି ବହୁବଚନ

(B) ପ୍ରଥମା ବିଭକ୍ତି ଏକବଚନ

(C) ଦ୍ୱିତୀୟା ବିଭକ୍ତି ବହୁବଚନ

(D) ଦ୍ୱିତୀୟା ବିଭକ୍ତି ଏକବଚନ

9. ଦୁଇ ଭାଷା ମଧ୍ୟରେ ପାରିବାରିକ ସଂପର୍କ ନିର୍ଣ୍ଣୟ ପାଇଁ କେଉଁଟିର ଆବଶ୍ୟକତା ପ୍ରାୟ ନଥାଏ ?

(A) ସାର୍ବନାମିକ ଶବ୍ଦ

(B) ଗାଣିତିକ ଶବ୍ଦ

(C) ପରିବାର ସଂପର୍କିତ ଶବ୍ଦ

(D) ଆଳଂକାରିକ ଶବ୍ଦ

10. ଓଡ଼ିଆରେ ବ୍ୟବହୃତ ଉପସର୍ଗ କେଉଁ ଭାଷା ଭଳି ଧାତୁର ପୂର୍ବରେ ବ୍ୟବହୃତ ହୁଅନ୍ତି ?

(A) ବୈଦିକ

(B) ସଂସ୍କୃତ

(C) ଗ୍ରୀକ୍

(D) ଲାଟିନ୍

11. କେଉଁଟି ତଦ୍ଭବ ଶବ୍ଦ ପର୍ଯ୍ୟାୟଭୁକ୍ତ ?

(A) ଦ୍ରୁମ

(B) ଖଜୁର

(C) ତସର

(D) ଟିଆରି

12. 'ଗରଜ' କେଉଁ ବୈଦେଶିକ ଶବ୍ଦାବଳୀରୁ ଆନୀତ ?

(A) ଆରବୀ

(B) ପାରସୀ

(C) ପର୍ତ୍ତୁଗୀଜ

(D) ଇଂରେଜୀ

13. କେଉଁଟି ଦେଶଜ ଶବ୍ଦ ନୁହେଁ ?

(A) ଘଇଁଠା
(B) ଡଉଳ
(C) ସୁସୁଡିଆ
(D) ଗୋସାଇଁ

14. 'ନେଉଳ' ଶବ୍ଦଟି କେଉଁ ଶବ୍ଦର ରୂପାନ୍ତର ?

(A) ନବକୁଳ
(B) ନେକୁଳ
(C) ନକୁଳ
(D) ନୌକୁଳ

15. 'ଭାରା' କେଉଁ ଶବ୍ଦଗୋଷ୍ଠୀର ଅନ୍ତର୍ଭୁକ୍ତ ?

(A) ପର୍ତ୍ତୁଗୀଜ
(B) ଆରବୀ
(C) ପାରସୀ
(D) ଇଂରେଜୀ

16. ଓଡ଼ିଆର କେଉଁ 'ନାସିକ୍ୟ' ଧ୍ୱନି ଦ୍ରାବିଡ଼ ନାସିକ୍ୟ ଧ୍ୱନି ପ୍ରଭାବରେ ବ୍ୟବହୃତ ?

(A) ଣ
(B) ନ
(C) ଙ
(D) ମ

17. ଓଡ଼ିଆ ଭାଷା ତେଲୁଗୁ ଭାଷା ଦ୍ୱାରା ପ୍ରଭାବିତ ହେବାର ମୁଖ୍ୟ କାରଣ କ'ଣ ହୋଇପାରେ ?

(A) ବାଣିଜ୍ୟକାରୀ ଦେଶର ଭାଷା ବୋଲି
(B) ପ୍ରତିବେଶୀ ଭାଷା ବୋଲି
(C) ବିଦେଶୀ ଭାଷା ବୋଲି
(D) ଏକ ବିଶିଷ୍ଟ ଭାଷା ବୋଲି

18. ଲୁଇପା ରଚିତ କେତୋଟି ଚର୍ଯ୍ୟାଗୀତିକା ଏଯାବତ୍ ସଂକଳିତ ?

(A) ଦୁଇଟି
(B) ତିନୋଟି
(C) ପାଞ୍ଚୋଟି
(D) ସାତଟି

Adda247 GET IT ON Google Play

19. 'ହୋମ୍ବୀ ବିବାହ ଚର୍ଯ୍ୟା'ର ରଚୟିତା କିଏ ?

(A) ଲୁଇପା
(B) ସରହପା
(C) ଶବରୀପା
(D) କାହ୍ନୁପା

20. "ଏ ରାଜା ଉଡିଶା ନିଯୋଗ ଭିଆଇଲେ । ଖୋର ସାଆନ୍ତ ପଦମାନ ଦେଲେ । ଉଡିଶାର ଖଣ୍ଡ ପଡ଼ିଆ ପେଷ କଲେ ।" ମାଦଳାପାଞ୍ଜିରେ ଏହା କେଉଁ ରାଜାଙ୍କ ସଂପର୍କରେ ବର୍ଣ୍ଣିତ ?

(A) ମଦନମହାଦେବ
(B) କନକ କେଶରୀ
(C) ବୁଢୀ ଅନଙ୍ଗଭୀମଦେବ
(D) ଲାଙ୍ଗୁଳା ନରସିଂହଦେବ

21. ବଡ଼ ଦେଉଳରେ ପ୍ରଳମ୍ବାସୁର ବଧ ବେଶ କେବେ ହୋଇଥାଏ ?

(A) ମାର୍ଗଶୀର ଶୁକ୍ଳ ଚତୁର୍ଥୀ
(B) ଭାଦ୍ରବ କୃଷ୍ଣଦଶମୀ
(C) ଭାଦ୍ରବ ଶୁକ୍ଳ ଦ୍ୱିତୀୟା
(D) ଭାଦ୍ରବ ଶୁକ୍ଳ ଏକାଦଶୀ

22. 'ଗୁପ୍ତସୁଧାନିଧି' ଗ୍ରନ୍ଥର ଅବତାରଣା କିଏ କାହା ଆଗରେ କରିଥିଲେ ?

(A) ବିଷ୍ଣୁ-ଲକ୍ଷ୍ମୀ
(B) ବ୍ରହ୍ମା-ନାରଦ
(C) ଶିବ-ପାର୍ବତୀ
(D) ଗଣେଶ-ନାରଦ

23. ରଜନୀ ପ୍ରଭାତ ହେବାରୁ ବସୁଧାମଣ୍ଡଳ ଦେଶର ରାଣୀ କେତେ ଜଣ ବୃଦ୍ଧଙ୍କ ନିକଟରେ ନିଜର ସ୍ୱପ୍ନବୃତ୍ତାନ୍ତ ପ୍ରକାଶ କରିଛନ୍ତି?

(A) ଦଶମ ବୃଦ୍ଧ
(B) ଏକାଦଶ ବୃଦ୍ଧ
(C) ଚତୁର୍ଦ୍ଦଶ ବୃଦ୍ଧ
(D) ଷୋଡ଼ଶ ବୃଦ୍ଧ

24. ସିଶୁବେଦ, ସପ୍ତାଙ୍ଗ ଯୋଗଧାରଣ – ଇତ୍ୟାଦି କୃତିର ସ୍ରଷ୍ଟା କିଏ ?

(A) ଗୋରେକ୍ଷନାଥ
(B) ଭୈରବନାଥ
(C) ମତ୍ସ୍ୟେନ୍ଦ୍ରନାଥ
(D) ଆଦିନାଥ

Adda247

Adda247
GET IT ON Google Play

25. କେଉଁ ଲୋକକଥାରୁ ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟର ଗୌରବମୟ ଚିତ୍ର ମିଳେ?

(A) ସୁହୁକମଣ୍ଡଳ କଥା
(B) ତଅପୋଇ କଥା
(C) କଳୁଭାବେଣ୍ଡ କଥା
(D) ଚକୁଳିଆ ପଣ୍ଡା କଥା

26. "ନଖ ମୁଖ ଚକ୍ଷୁ ସ୍ଥାନ ପଶିଛି ଭିତର । ନୂଆ ଖଣି ଖଣା ପ୍ରାୟେ ଦିଶୁଛି ଉଦର ।" ଏଥିରୁ କାହାର ରୂପ ବର୍ଣ୍ଣନାର ସୂଚନା ମିଳୁଛି ?

(A) ତପସ୍ୱୀ ଶିବଙ୍କର
(B) ନର୍ତ୍ତକ ଶିବଙ୍କର
(C) ବରବେଶୀ ଶିବଙ୍କର
(D) ଭିକ୍ଷାରୀ ଶିବଙ୍କର

27. କେଉଁଟି ନୀଳାମ୍ବର ଦାସଙ୍କର ରଚିତ ପୁରାଣ ନୁହେଁ ?

(A) ଜୈମିନୀଭାରତ
(B) ପଦ୍ମପୁରାଣ
(C) ଦେଉଳତୋଳା
(D) ଗୁପ୍ତଲୀଳା

28. ନନ୍ଦୀ କାହାଦ୍ୱାରା ଅଭିଶପ୍ତ ହୋଇ ସାରଳା ଦାସ ରୂପେ ମାନବ ଜନ୍ମ ଗ୍ରହଣ କରିଥିବାର ସାରଳା ମହାଭାରତରେ ବର୍ଣ୍ଣିତ ହୋଇଛି ?

(A) ବିଘ୍ନରାଜ
(B) କାର୍ତ୍ତିକେୟ
(C) ନାରଦ
(D) ହରଗୌରୀ

29. ମହିଷାସୁରର ମା' କେଉଁ ଅସୁର ରାଜାଙ୍କ ପତ୍ନୀ ଥିଲା ?

(A) ନିବାତକବଚ
(B) ବିଜିତଶୃଙ୍ଗ
(C) ସହସ୍ରଲୋଚନ
(D) କପିଳସିଂହ

30. 'ଦୁର୍ଯ୍ୟୋଧନର ଉଜ୍ଜଳନ୍ଦୀ ସନ୍ତରଣ' ଉପାଖ୍ୟାନ ସାରଳା ମହାଭାରତର କେଉଁ ପର୍ବରେ ସଂଯୋଜିତ ?

(A) ଗଦାପର୍ବ
(B) କାଇଁଶିକା ପର୍ବ
(C) ଶଲ୍ୟପର୍ବ
(D) ଉଦ୍ୟୋଗ ପର୍ବ

31. ଚୈତନ୍ୟଦେବ ଓଡ଼ିଶାକୁ କେବେ ଆସିଥିଲେ ?

(A) ୧୫୦୪
(B) ୧୫୧୦
(C) ୧୫୧୪
(D) ୧୫୨୦

32. 'କୁକ୍କୁଟୀର ବର ଲାଭ' ଉପାଖ୍ୟାନର ସ୍ରଷ୍ଟା କିଏ ?

(A) ବଳରାମ ଦାସ
(B) ଜଗନ୍ନାଥ ଦାସ
(C) ଅଚ୍ୟୁତାନନ୍ଦ ଦାସ
(D) ଅରକ୍ଷିତ ଦାସ

33. ଜଗନ୍ନାଥ ଦାସଙ୍କ ଭାଗବତର କେଉଁ ଉପାଖ୍ୟାନ ନବାକ୍ଷରୀ ବୃତ୍ତରେ ରଚିତ ହୁଏଁ ?

(A) ରହୁଗଣ ଉପାଖ୍ୟାନ
(B) ନହୁଷ ଉପାଖ୍ୟାନ
(C) ଧ୍ରୁବ ଉପାଖ୍ୟାନ
(D) ବ୍ରାହ୍ମଣ କୁମାରୀ ଉପାଖ୍ୟାନ

34. ଜଗନ୍ନାଥ ଦାସ କେଉଁ ସଂସ୍କୃତ କାବ୍ୟ ରଚନା କରିଥିଲେ ?

(A) ସତ୍ୱଙ୍କ ବର୍ଣ୍ଣନ
(B) ଗୋଲୋକ ସାରୋଦ୍ଧାର
(C) ଗୁଣ୍ଡିଚା ବିଜେ
(D) ମୃଗୁଣୀ ସ୍ତୁତି

35. ପଞ୍ଚସଖାଙ୍କ ଭିତରୁ କିଏ ପୁରାଣକାର ନଥିଲେ ?

(A) ବଳରାମ ଦାସ
(B) ଜଗନ୍ନାଥ ଦାସ
(C) ଅଚ୍ୟୁତାନନ୍ଦ ଦାସ
(D) ଶିଶୁ ଅନନ୍ତ

36. କେଉଁଟି ଯଶୋବନ୍ତ ଦାସଙ୍କ ରଚନା ?

(A) ହରିବଂଶ
(B) ପ୍ରେମଭକ୍ତି ବ୍ରହ୍ମଗୀତା
(C) ପ୍ରେମ ସୁଧାମ୍ବୁଧି
(D) ଗୁପ୍ତ ଭାଗବତ

37. 'ନୃସିଂହ ପୁରାଣ'ର ପୁରାଣକାର କିଏ ?

(A) ମହାଦେବ ଦାସ
(B) ପୀତାମ୍ବର ଦାସ
(C) କୃଷ୍ଣ ଦାସ
(D) ଦାଶରଥି ଦାସ

38. ଭକ୍ତ କବି ଜଗନ୍ନାଥ ଦାସଙ୍କ ଜୀବନୀ ଆଧାରିତ 'ଜଗନ୍ନାଥ ଚରିତାମୃତ'ର ରଚୟିତା କିଏ ?

(A) ବିପ୍ର ଦିବାକର ଦାସ
(B) ଦୈବଜ୍ଞ ବିପ୍ର
(C) କହ୍ନାଇ ଖୁଣ୍ଟିଆ
(D) ମାଧବ ପଟ୍ଟନାୟକ



Adda247 GET IT ON Google Play

Adda247
GET IT ON Google Play

39. କେଉଁ କାବ୍ୟରେ ଗୋପକନ୍ୟାମାନଙ୍କୁ ବେଦକନ୍ୟା, ଦେବକନ୍ୟା, ମୁନିକନ୍ୟା ଓ ଗୋପିକନ୍ୟା ଭାବରେ ବର୍ଣ୍ଣନା କରାଯାଇଛି ?

(A) ପ୍ରେମ ଚିନ୍ତାମଣି
(B) ପ୍ରେମଲୋଚନା
(C) ପ୍ରେମ ପଞ୍ଚାମୃତ
(D) ରହସ୍ୟ ମଂଜରୀ

40. ଉପେନ୍ଦ୍ର ଭଂଜଙ୍କର 'ରସପଞ୍ଚକ' କେଉଁ ପ୍ରକାରର ଗ୍ରନ୍ଥ ?

(A) ଅଳଂକାର ଗ୍ରନ୍ଥ
(B) ପୌରାଣିକ ଗ୍ରନ୍ଥ
(C) ବୈଷ୍ଣବୀୟ ତତ୍ତ୍ୱମୂଳକ ଗ୍ରନ୍ଥ
(D) ଶବ୍ଦ ଅଭିଧାନମୂଳକ ଗ୍ରନ୍ଥ

41. ବୃନ୍ଦାବତୀ ଦାସୀଙ୍କ 'ପୂର୍ଣ୍ଣତମ ଚନ୍ଦ୍ରୋଦୟ' କାବ୍ୟର କଥାବସ୍ତୁ କାହା ଉପରେ ଆଧାରିତ ?

(A) କୃଷ୍ଣଙ୍କର ବାଲ୍ୟଲୀଳା
(B) କୃଷ୍ଣଙ୍କର କୈଶୋର ଲୀଳା
(C) କୃଷ୍ଣଙ୍କର ଦ୍ୱାରକା ଲୀଳା
(D) କୃଷ୍ଣଙ୍କର ହସ୍ତିନାପୁର ଲୀଳା

42. କେଉଁଟି ବ୍ରଜନାଥ ବଡ଼ଜେନାଙ୍କ ରଚନା ନୁହେଁ ?

(A) ବିଚକ୍ଷଣା
(B) କେଳିକଳାନିଧି
(C) ବାଘଗୀତ
(D) ଦଶପୋଇ

43. "ତୁମ୍ଭ ମାଟିଦେହ ଗ୍ରାସିଛି ଶ୍ମଶାନ, ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ ।" ଏ ରଚନା କାହା ପାଇଁ ଉଦ୍ଦିଷ୍ଟ ?

(A) ସାଲବେଗ
(B) ଗୋପାଳକୃଷ୍ଣ
(C) ଉପେନ୍ଦ୍ରଭଂଜ
(D) କବିସୂର୍ଯ୍ୟ ବଳଦେବ

44. 'ଉତ୍କଳ ଦୀପିକା' ପ୍ରଥମେ କେବେ ପ୍ରକାଶ ପାଇଥିଲା ?

(A) ୧୮୬୪
(B) ୧୮୬୫
(C) ୧୮୬୬
(D) ୧୮୬୭

45. "ଖୋଜିଲି ଅରଣ୍ୟେ ଜନସମାଜରେ ଖୋଜିଲି ବାରିଧି ତଟ
ସର୍ବତ୍ର ଦେଖିଲି ମାତା ପଦଚିହ୍ନ ନ ହେଲା ମାତାର ଭେଟ ।"
—ଏହା କାହାର ରଚନା ?

(A) ଫକୀରମୋହନ ସେନାପତି
(B) ମଧୁସୂଦନ ଦାସ
(C) ଗୋପବନ୍ଧୁ ଦାସ
(D) ଗଙ୍ଗାଧର ମେହେର

46. ରାଧାନାଥଙ୍କ ଚିଲିକା ଓ ମହାଯାତ୍ରା ପ୍ରଥମେ କେଉଁ ପତ୍ରିକାରେ ପ୍ରକାଶିତ ହୋଇଥିଲା ?

(A) ଉତ୍କଳପ୍ରଭା
(B) ଉତ୍କଳ ଦୀପିକା
(C) ଉତ୍କଳ ସାହିତ୍ୟ
(D) ଉତ୍କଳ ବଂଧୁ

47. ମଧୁସୂଦନ ରାଓଙ୍କର ପ୍ରଥମ ଲେଖା କେଉଁ ପତ୍ରିକାରେ ପ୍ରଥମେ ପ୍ରକାଶିତ ହୋଇଥିଲା ?

(A) ଉତ୍କଳ ଦର୍ପଣ
(B) ଉତ୍କଳ ସାହିତ୍ୟ
(C) ଉତ୍କଳ ଦୀପିକା
(D) ବାଲେଶ୍ୱର ସମ୍ବାଦ ବାହିକା

48. 'ଯୌତୁକ ଓ ଅଦ୍ଭୁତ ଆଦର୍ଶ' ନାଟକର ନାଟ୍ୟକାର କିଏ ?

(A) ରାଧାମୋହନ ରାଜେନ୍ଦ୍ରଦେବ
(B) ଅପର୍ଣ୍ଣା ପଣ୍ଡା
(C) ଭିକାରି ଚରଣ ପଟ୍ଟନାୟକ
(D) ଗୋବିନ୍ଦଚନ୍ଦ୍ର ସୂରଦେଓ

Contd.

Adda247
GET IT ON Google Play

49. 'ସାରଳା ଚରିତ' ପୁସ୍ତକର ପ୍ରଣେତା କିଏ ?
(A) ସତ୍ୟନାରାୟଣ ରାଜଗୁରୁ
(B) ଗୋପୀନାଥ ନନ୍ଦ
(C) ରାମଶଙ୍କର ରାୟ
(D) ମୃତ୍ୟୁଞ୍ଜୟ ରଥ

50. 'ବନ୍ଦେ ଉତ୍କଳ ଜନନୀ' କବିତାର କବି କିଏ ?
(A) ରାମକୃଷ୍ଣ ନନ୍ଦ
(B) ଲକ୍ଷ୍ମୀକାନ୍ତ ମହାପାତ୍ର
(C) ମଧୁସୂଦନ ଦାସ
(D) ରାଧାନାଥ ରାୟ

51. ମହାବିଷ୍ଣୁରୂପେ କଳ୍ପିତ ଜଗନ୍ନାଥଙ୍କ ଠାରେ ଶ୍ରୀକୃଷ୍ଣଙ୍କ ପିଣ୍ଡ ଆରୋପିତ କରି ସାରଳା ଦାସ ତାଙ୍କୁ ବୁଦ୍ଧରୂପୀ କରିବାର ଉଦ୍ୟମ ମହାଭାରତର କେଉଁ ପର୍ବରେ କରିଛନ୍ତି ?
(A) ସଭାପର୍ବ
(B) ବନପର୍ବ
(C) ମହାପ୍ରସ୍ଥାନିକ ପର୍ବ
(D) ମୂଷଳୀ ପର୍ବ

52. ଭୀମପୁତ୍ର ବେଲାଳସେନ କେଉଁ ବିଦ୍ୟାରେ ଧୂରନ୍ଧର ଥିଲେ ?
(A) ଧନୁର୍ବିଦ୍ୟା
(B) ଗଦାଯୁଦ୍ଧ ବିଦ୍ୟା
(C) ଅସି ଚାଳନା ବିଦ୍ୟା
(D) ମାୟା ବିଦ୍ୟା

53. 'ବକପଞ୍ଚକ' ଉପାଖ୍ୟାନ ଜଗମୋହନ ରାମାୟଣର କେଉଁ କାଣ୍ଡରେ ସଂଯୋଜିତ ହୋଇଛି ?
(A) ସୁନ୍ଦରାକାଣ୍ଡ
(B) କିଷ୍କିନ୍ଧ୍ୟା କାଣ୍ଡ
(C) ଲଙ୍କାକାଣ୍ଡ
(D) ଅଯୋଧ୍ୟାକାଣ୍ଡ

54. "ଆଉ ବୟସ ମୋର କାହିଁ, ପାରିବି ପୁତ୍ର ଉପୁଜାଇ ।" ଅତିବଡ଼ିଙ୍କ ଭାଗବତରେ ଏହା କିଏ କାହାକୁ କହିଛି ?
(A) ବସୁଦେବ କଂସକୁ
(B) ବସୁଦେବ ଉଗ୍ରସେନକୁ
(C) ଦେବକୀ କଂସକୁ
(D) ନନ୍ଦ, ସହଚରଙ୍କୁ

55. ଶିବ ପାର୍ବତୀଙ୍କ କଥୋପକଥନ ଛଳରେ ଜଗନ୍ନାଥ ଦାସ କେଉଁ କାବ୍ୟ ରଚନା କରିଥିଲେ ?
(A) ଷୋଳବାରମ ଭାଗବତ
(B) ଅର୍ଥ କୋଇଲି
(C) ଗୁପ୍ତ ଭାଗବତ
(D) ତୁଳାଭିଣା

56. ଅଚ୍ୟୁତାନନ୍ଦଙ୍କର କେଉଁ ଗ୍ରନ୍ଥରେ ବୈଷ୍ଣବଧର୍ମର ଗତି ପ୍ରକୃତି ସଂପର୍କରେ ଆଲୋଚନା କରାଯାଇଛି ?
(A) ଶୂନ୍ୟ ସଂହିତା
(B) ବାରମାସୀ ଗୀତ
(C) ଛୟାଳିଶ ପଟଳ
(D) ଅଣାକାର ସଂହିତା

57. 'କଳସା ଚଉତିଶା'ରେ ସଂଯୋଜିତ ପଦ ସଂଖ୍ୟା କେତେ ?
(A) ବାଇଶି
(B) ତିରିଶି
(C) ଚଉତିରିଶ
(D) ଛତିଶ

58. 'ରୁଦ୍ର ସୁଧାନିଧି'ରେ ଅଭିନବ ଚୈତନ୍ୟ କେତେ ବର୍ଣ୍ଣରେ ଶିବଙ୍କୁ ସ୍ତୁତି କରିଥିଲା ?
(A) ପଚିଶ ବର୍ଣ୍ଣ
(B) ଛବିଶ ବର୍ଣ୍ଣ
(C) ଅଣଚାଶ ବର୍ଣ୍ଣ
(D) ପଞ୍ଚାଶ ବର୍ଣ୍ଣ

59. ରୁଦ୍ର ସୁଧାନିଧି ଜନ୍ମର ଷଷ୍ଠ ଦିବସରେ ତାକୁ ହରଣ କରିବାକୁ ଆସିଥିବା ପିଶାଚୀର ନାମ କ'ଣ ଥିଲା ?
(A) ବିସୂଚୀକା
(B) ଆକର୍ଷିକା
(C) ସୂତକ ହରିଣୀ
(D) ତପ୍ତହାଟକ

Adda247 GET IT ON Google Play

60. ଶଶିପ୍ରଭାଙ୍କ ଗର୍ଭରେ ପ୍ରବେଶ କରିଥିବା ଅବଧୂତଙ୍କୁ ଗର୍ଭସ୍ଥ ସନ୍ତାନ କେଉଁଠାରେ ଭେଟିବେ ବୋଲି କହିଥିଲେ ?

(A) ଅମର କଣ୍ଟକରେ (B) କାଳିଞ୍ଜନ ପର୍ବତରେ

(C) କଇଳାସ ପର୍ବତରେ (D) ଗନ୍ଧମାର୍ଦ୍ଦନରେ

61. କେଉଁ କୃତିର ଆଧ୍ୟାତ୍ମିକ ବ୍ୟାଖ୍ୟା 'ଅର୍ଥ କୋଇଲି'ରେ ପଦ୍ୟାକାରରେ ପ୍ରସ୍ତୁତ ହୋଇଛି ?

(A) କେଶବ କୋଇଲି (B) କାନ୍ତ କୋଇଲି

(C) ବାରମାସୀ କୋଇଲି (D) ଯଶୋଦା କୋଇଲି

62. 'ରହସ୍ୟ ମଞ୍ଜରୀ' କାବ୍ୟର କଥାବସ୍ତୁ କାହା ଉପରେ ଆଧାରିତ ?

(A) କୃଷ୍ଣଙ୍କ ବାଲ୍ୟଲୀଳା ପ୍ରସଙ୍ଗ

(B) କୃଷ୍ଣଙ୍କ ଅବତାରତ୍ୱ ପ୍ରସଙ୍ଗ

(C) ଗୋପୀ-କୃଷ୍ଣଙ୍କ ପ୍ରେମର ଅଲୌକିକ ରୂପ ପ୍ରସଙ୍ଗ

(D) କୃଷ୍ଣଙ୍କ ଦ୍ୱାରକାଲୀଳା ପ୍ରସଙ୍ଗ

63. କେଉଁ ଗ୍ରନ୍ଥରେ ଦୀନକୃଷ୍ଣ ନିଜ ରଚନାବଳୀ ସଂପର୍କରେ ସୂଚନା ଦେଇଛନ୍ତି ?

(A) ପ୍ରସ୍ତାବ ସିନ୍ଧୁ (B) ଜ୍ଞାନସାଗର

(C) ଜ୍ଞାନଚୂଡ଼ାମଣି (D) ରସ ବିନୋଦ

64. ଦୀନକୃଷ୍ଣଙ୍କ ଚଉତିଶାଗୁଡ଼ିକ କେଉଁ କୃତିରେ ସଂକଳିତ ହୋଇଛି ?

(A) ଚଉତିଶା ମଧୁଚକ୍ର (B) ଚଉତିଶା ରତ୍ନଚକ୍ର

(C) ଚଉତିଶା ସଂଗ୍ରହ (D) ଚଉତିଶା ସଂଚୟନ

65. କେଉଁଟି ଅଭିମନ୍ୟୁଙ୍କର ସୁଲକ୍ଷଣା କାବ୍ୟର ବୈଶିଷ୍ଟ୍ୟ ନୁହେଁ ?

(A) ଏହା ଏକ କାଳ୍ପନିକ କାବ୍ୟ ନୁହେଁ

(B) ଏହା ସୁଲକ୍ଷଣା ଓ ଶାମ୍ବଙ୍କ ବିବାହ କାହାଣୀ ଆଧାରିତ

(C) ଉପେନ୍ଦ୍ର ଭଞ୍ଜଙ୍କ 'ପ୍ରେମ ସୁଧାନିଧି' କାବ୍ୟ ଆଦର୍ଶରେ ରଚିତ

(D) ଏ କାବ୍ୟର ପ୍ରତ୍ୟେକ ପାଦର ଆଦ୍ୟ ଅକ୍ଷର 'ସ' ଅକ୍ଷରରେ ଆରମ୍ଭ ହୋଇଛି

66. ବିଦଗ୍ଧ ଚିନ୍ତାମଣି କାବ୍ୟରେ ବର୍ଣ୍ଣିତ 'ଓଷଧୀଶାନନ' କିଏ ?

(A) ରାଧା (B) ଉଦ୍ଧବ

(C) ଅକ୍ରୂର (D) କୃଷ୍ଣ

67. ଉପେନ୍ଦ୍ର ଭଂଜ ରଚିତ କେଉଁ କାବ୍ୟଟି 'ରାମକଥା' ଆଧାରିତ ନୁହେଁ ?

(A) ଷୋଳ ଚୋଇ (B) ଛାନ୍ଦଭୂଷଣ

(C) ବୈଦେହୀଶ ବିଳାସ (D) ଅବନାରସ ତରଙ୍ଗ

68. କେଉଁ କାବ୍ୟରେ ଉପେନ୍ଦ୍ରଭଂଜ ନିଜର କାବ୍ୟ କୃତି ସଂପର୍କରେ ସୂଚନା ପ୍ରଦାନ କରିଛନ୍ତି ?

(A) ଗୀତାଭିଧାନ (B) ରସପଞ୍ଚକ

(C) ଚିତ୍ରକାବ୍ୟ ବନ୍ଧୋଦୟ (D) ଷଡ଼ରତୁ

69. କିଏ ବଳଦେବ ରଥଙ୍କୁ 'କବିସୂର୍ଯ୍ୟ ରାୟଗୁରୁ' ଉପାଧି ଦେଇଥିଲେ ?

(A) କଳ୍ପତରୁ ରାଜା (B) ଖୋରଧା ରାଜା

(C) ଆଠଗଡ଼ ରାଜା (D) ପାରିକୁଦ ରାଜା

Adda247 GET IT ON Google Play

70. 'ସମର ତରଙ୍ଗ' କାବ୍ୟର ରଚୟିତା କିଏ ?
(A) ବିଶ୍ୱନାଥ ଖୁଣ୍ଟିଆ
(B) ବ୍ରଜନାଥ ବଡ଼ଜେନା
(C) ଭକ୍ତଚରଣ ଦାସ
(D) କବି ଭ୍ରମରବର

71. 'ଚନ୍ଦ୍ର ବିନୋଦ'ର ଚନ୍ଦ୍ରକାକ୍ଷୀ କେଉଁ କୁଳର କନ୍ୟା ଥିଲା ?
(A) ରାଜକୁଳ
(B) ବ୍ରାହ୍ମଣକୁଳ
(C) ବୈଶ୍ୟକୁଳ
(D) ଗାୟଣୀକୁଳ

72. କେଉଁଟି ଗୋପାଳକୃଷ୍ଣଙ୍କ କାବ୍ୟ ପ୍ରତିଭାର ସ୍ୱରୂପ ନୁହେଁ ?
(A) କ୍ଲିଷ୍ଟ ତାତ୍ତ୍ୱିକ ବ୍ୟାଖ୍ୟାନ
(B) କୋମଳ ଶବ୍ଦାବଳୀ ପ୍ରୟୋଗ
(C) ମାଧୁର୍ଯ୍ୟ ଭାବାଶ୍ରିତ
(D) ସାବଲୀଳ ପ୍ରକାଶଭଙ୍ଗୀ

73. କେଉଁଟି ବନମାଳୀଙ୍କ ରଚନା ନୁହେଁ ?
(A) "ଜଗନ୍ନାଥ ହେ, କିଛି ମାଗୁନାହିଁ ତୋତେ"
(B) ଦୀନବନ୍ଧୁ ଦଇତାରି, ଦୁଃଖ ନ ଗଲା ମୋହରି
(C) ଅନୁସରିତ, ପ୍ରଭୁ କାଳଯାକ ଗଲା ସରିତ
(D) ମଣିମା ହେ, ଏତିକି ମାଗୁଣି ମୋର

74. "ଶ୍ୟାମକୁ କୁହାର, ତା'ର ପ୍ରେମକୁ କୁହାର ମା
ସେ କଲୁ ଗୋ ସେ ପୀରତି ଯା ଦେହ କୁହାର ମା"—ଏହା କାହାର ରଚନା ?
(A) ବନମାଳୀ
(B) ବଳଦେବ
(C) ଗୌରଚରଣ
(D) ଗୋପାଳକୃଷ୍ଣ

75. "ଶଠ ନାଗର ହୋ ତୁମ ପ୍ରୀତି କଣାଗଲା
ଆଉ ପଛେ ତୁମ ଦେବା ନେବା ପଣ, ଦେଖିବା ସ୍ୱପ୍ନ ନ ହେଲା ।" ଏ ପଦରେ କେଉଁ ନାୟିକାଙ୍କର ଭାବନା ପରିସ୍ଫୁଟିତ ?
(A) ପ୍ରୋଷିତଭର୍ତ୍ତୃକା
(B) ଖଣ୍ଡିତା
(C) ବାସକସଜ୍ଜା
(D) କଳହାନ୍ତରିତା

76. 'ସ୍ତୁତି ଚିନ୍ତାମଣି' କାବ୍ୟ ସମୁଦାୟ କେତେ ପଦରେ ସମାପ୍ତ ହୋଇଛି ?
(A) ଏକ ସହସ୍ର ପଦ
(B) ବେନି ସହସ୍ର ପଦ
(C) ଦ୍ୱି ଅର୍ଦ୍ଧ ସହସ୍ର ପଦ
(D) ଚତୁଃ ସହସ୍ର ପଦ

77. ରାଧାନାଥଙ୍କର କେଉଁ କାବ୍ୟ ନାୟିକା ଈପ୍ସିତ ପୁରୁଷର ପ୍ରତ୍ୟାଖ୍ୟାନ ପରେ ନିଜ ଠାରେ ଜଣେ ଧର୍ମଦ୍ରୋହୀ, ଦେଶଦ୍ରୋହୀ ଓ ପିତୃବିଶ୍ୱାସଘାତିନୀ କନ୍ୟାକୁ ଦେଖିଛି ?
(A) ଉଷା
(B) ଚନ୍ଦ୍ରଭାଗା
(C) ନନ୍ଦିକା
(D) କୌଶଲ୍ୟା

P.T.O.

Adda247 GET IT ON Google Play

78. 'ପାର୍ବତୀ' କାବ୍ୟ ପ୍ରସ୍ତୁତିର ପରିକଳ୍ପିତ ସମୟସୀମା କ'ଣ ଥିଲା ?

(A) ଦଶମୀରୁ ଦୋଳପୂର୍ଣ୍ଣିମା
(B) ଏକାଦଶୀରୁ ଦୋଳପୂର୍ଣ୍ଣିମା
(C) ଦ୍ୱାଦଶୀରୁ ଦୋଳପୂର୍ଣ୍ଣିମା
(D) ତ୍ରୟୋଦଶୀରୁ ଦୋଳପୂର୍ଣ୍ଣିମା

79. ମଧୁସୂଦନ ରାଓଙ୍କ ମତାନୁସାରେ କେଉଁଟି ମୂଳ ସତ୍ୟର ସ୍ୱରୂପ ନୁହେଁ ?

(A) ମୂଳ ସତ୍ୟ ଅନିତ୍ୟ
(B) ମୂଳ ସତ୍ୟ ପୂର୍ଣ୍ଣ
(C) ମୂଳ ସତ୍ୟ ଏକ ଓ ଅଦ୍ୱିତୀୟ
(D) ମୂଳ ସତ୍ୟ ଅଜ୍ଞେୟ

80. କେଉଁଟି ମଧୁସୂଦନ ରାଓଙ୍କ ଦ୍ୱାରା ସଂସ୍କୃତରୁ ଅନୂଦିତ କୃତି ନୁହେଁ ?

(A) ସୀତା ବନବାସ
(B) ଆତ୍ମ ସମର୍ପଣ
(C) ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ
(D) ବାଲରାମାୟଣ

81. ଫକୀରମୋହନ 'ଉତ୍କଳ ଭ୍ରମଣଂ' କାବ୍ୟର ପରିକଳ୍ପନା ଓ ଲେଖା କେବେ କରିଥିଲେ ?

(A) କେନ୍ଦୁଝରରୁ ଭଦ୍ରକ ଆସିଲା ବେଳେ
(B) ଆନନ୍ଦପୁରରୁ ଭଦ୍ରକ ଆସିଲା ବେଳେ
(C) ଭଦ୍ରକରୁ ଆନନ୍ଦପୁର ଆସିଲା ବେଳେ
(D) କେନ୍ଦୁଝରରୁ ଆନନ୍ଦପୁର ଆସିଲା ବେଳେ

82. ଲଛମା ଉପନ୍ୟାସର କେଉଁ ଚରିତ୍ର ଐତିହାସିକ ?

(A) ଜଗା ପଟେସିଂ ମା
(B) ଜଗତ ସେଠ୍
(C) ମାନ୍ଧାତା
(D) ବାଦଲ ସିଂ

83. 'ବିବାସିନୀ' ଉପନ୍ୟାସ କାହା ଦ୍ୱାରା ରଚିତ ?

(A) ଫକୀରମୋହନ ସେନାପତି
(B) ନନ୍ଦକିଶୋର ବଳ
(C) ରାମଶଙ୍କର ରାୟ
(D) ସୁରେନ୍ଦ୍ର ମହାନ୍ତି

84. ''ର' ଥାଇ ଆଦ୍ୟପ୍ରାନ୍ତରେ ଭାବ ସୁମଧୁର
ରସ ସୂତ ପଦ ହେଉ ବୁଧ-ଚିତ୍ତ-ହର ।'' ଏହା କାହାର ରଚନା ?

(A) ଗଙ୍ଗାଧର ମେହେର
(B) ଚିନ୍ତାମଣି ମହାନ୍ତି
(C) ରାଧାନାଥ ରାୟ
(D) ନନ୍ଦକିଶୋର ବଳ

Adda247

Adda247
GET IT ON Google Play

85. ଗଙ୍ଗାଧରଙ୍କର 'ଇନ୍ଦୁମତୀ'ରେ କେଉଁ ସଂସ୍କୃତ ଗ୍ରନ୍ଥର ପ୍ରଭୂତ ଆଦରଣ ଦେଖିବାକୁ ମିଳେ ?

(A) ରାମାୟଣ
(B) ମହାଭାରତ
(C) ଅଭିଜ୍ଞାନଶାକୁନ୍ତଳମ୍
(D) ରଘୁବଂଶମ୍

86. କେଉଁଟି ନନ୍ଦକିଶୋରଙ୍କ କୃତି ନୁହେଁ ?

(A) ସୀତା ବନବାସ
(B) ଯଯାତିକେଶରୀ
(C) ଶର୍ମିଷ୍ଠା
(D) କୃଷ୍ଣକୁମାରୀ

87. "ନ ଲୋଡ଼ିବ ମୋ ଗୀତରୁ ଭାବର ଗାମ୍ଭୀର୍ଯ୍ୟ
ଛନ୍ଦ, ବନ୍ଧ, ତାନ, ମାନ, ପଦର ମାଧୁର୍ଯ୍ୟ ।" ଏହା କାହାର ରଚନା ?

(A) ନନ୍ଦକିଶୋର
(B) ଗଙ୍ଗାଧର
(C) ଫକୀରମୋହନ
(D) ମଧୁସୂଦନ

88. ନୀଳକଣ୍ଠଙ୍କର କେଉଁ ପ୍ରବନ୍ଧରେ ତାଙ୍କର ଉଚ୍ଚକୋଟୀର ସାଟାୟାର (ବ୍ୟଙ୍ଗ) ପ୍ରବନ୍ଧକୁ ଅଧିକ ରସସିକ୍ତ କରାଇଛି ?

(A) ଆର୍ଯ୍ୟଜୀବନ
(B) ନୀତି ଓ ପ୍ରକୃତି
(C) ଜାତୀୟତାର ଭିତ୍ତିଭୂମି
(D) ଆମର ଥିଲା ଓ କାରଣ ଥାଇପାରେ

89. ମହାସ୍ରୋତ, ସ୍ତ୍ରୀଶିକ୍ଷା, ସ୍ୱାଧୀନତା ଆଦି ପ୍ରବନ୍ଧର ପ୍ରାବନ୍ଧିକ କିଏ ?

(A) ବିଶ୍ୱନାଥ କର
(B) ଶଶିଭୂଷଣ ରାୟ
(C) ବିପିନ ବିହାରୀ ରାୟ
(D) ଗୋପାଳଚନ୍ଦ୍ର ପ୍ରହରାଜ

90. କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଆତ୍ମଜୀବନୀର ନାମ କ'ଣ ?

(A) ଜୀବନପଥେ
(B) ଅଙ୍ଗେ ଯାହା ଲିଭାଇଛି
(C) ମୋ ଜୀବନ ସଂଗ୍ରାମ
(D) ମୋ ବାରବୁଲା ଜୀବନ

91. କେଉଁଟି କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ କ୍ଷୁଦ୍ରଗଳ୍ପ ସଙ୍କଳନ ?

(A) ଅମରଚିତା
(B) ମହାଦୀପ
(C) ମୁକୁଳ
(D) ରାଶିଫଳ

92. 'ଟଂପୁର ସ୍ୱରଲିପି' କାହା ଦ୍ୱାରା ରଚିତ ?

(A) କାଳିନ୍ଦୀଚରଣ ପାଣିଗ୍ରାହୀ
(B) କାଳିଆ ପାଣିଗ୍ରାହୀ
(C) କାଳୀଚରଣ ପଟ୍ଟନାୟକ
(D) ଗୋପାଳକୃଷ୍ଣ ପଟ୍ଟନାୟକ

Adda247

Adda247
GET IT ON Google Play

93. 'ଉତ୍ତର କଣ୍ଠ' କାହାର ଆତ୍ମଚରିତ ?
(A) ସଚ୍ଚି ରାଉତରାୟ (B) ମାୟାଧର ମାନସିଂ
(C) ଗୋଦାବରୀଶ ମହାପାତ୍ର (D) ବୈକୁଣ୍ଠ ନାଥ ପଟ୍ଟନାୟକ

94. ଗୋଦାବରୀଶ ମହାପାତ୍ରଙ୍କ ରଚିତ 'ପ୍ରେମ ପଥେ' ଉପନ୍ୟାସର ବୈଶିଷ୍ଟ୍ୟ କ'ଣ ?
(A) ଐତିହାସିକ ଉପନ୍ୟାସ (B) ପୌରାଣିକ ଉପନ୍ୟାସ
(C) ପତ୍ରୋପନ୍ୟାସ (D) କିମ୍ବଦନ୍ତୀମୂଳକ ଉପନ୍ୟାସ

95. 'ଜଙ୍ଗ ପରଜା ସ୍ତୋତ୍ର ଓ ସଂଗୀତ'ର ରଚୟିତା କିଏ ?
(A) ଗୋଦାବରୀଶ ମହାପାତ୍ର (B) ଗୋପୀନାଥ ମହାନ୍ତି
(C) ଖଗେଶ୍ୱର ମାହାପାତ୍ର (D) ଦେବୀପ୍ରସନ୍ନ ପଟ୍ଟନାୟକ

96. ଗୋପୀନାଥ ମହାନ୍ତି କେଉଁ ପୁସ୍ତକ ପାଇଁ ଜ୍ଞାନପୀଠ ପୁରସ୍କାର ପାଇଥିଲେ ?
(A) ପରଜା (B) ଅମୃତର ସନ୍ତାନ
(C) ଲୟ ବିଲୟ (D) ମାଟିମଟାଳ

97. କେଉଁଟି ସୁରେନ୍ଦ୍ର ମହାନ୍ତିଙ୍କ ନାଟକ ?
(A) କାଳାନ୍ତର (B) ଫଟାମାଟି
(C) ପୃଥ୍ୱୀବଲ୍ଲଭ (D) ପଥ ଓ ପୃଥିବୀ

98. "ମୋର କୌଣସି ନିର୍ଦ୍ଦିଷ୍ଟ ଶୈଳୀ ନାହିଁ । ରୀତି ଓ ଶୈଳୀର ନିର୍ଦ୍ଦିଷ୍ଟତା ଜୀବନ ପରି ସାହିତ୍ୟରେ ଗତିର ଲକ୍ଷଣ ନୁହେଁ ।" ଏହା କାହାର ଧାରଣା ବୋଲି ଉଲ୍ଲିଖିତ ?
(A) ସୁରେନ୍ଦ୍ର ମହାନ୍ତି (B) ଗୋପୀନାଥ ମହାନ୍ତି
(C) ସଚ୍ଚି ରାଉତରାୟ (D) କାହ୍ନୁଚରଣ ମହାନ୍ତି

99. 'ଚନ୍ଦ୍ର ଓ ତାରା', 'ସାତ ତାରାର ଦ୍ୱୀପ' ଓ 'ସରୀସୃପ' – କାହାର ରଚନା ?
(A) ଗୁରୁପ୍ରସାଦ ମହାନ୍ତି (B) ଦୀପକ ମିଶ୍ର
(C) ବିନୋଦ ନାୟକ (D) ବ୍ରଜନାଥ ରଥ

100. ଗୁରୁପ୍ରସାଦ ମହାନ୍ତି 'ସମୁଦ୍ର ସ୍ନାନ' ସଙ୍କଳନ ପାଇଁ କେଉଁ ପୁରସ୍କାର ପାଇଥିଲେ ?
(A) ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର (B) ସାହିତ୍ୟ ଏକାଡେମୀ, ଦିଲ୍ଲୀ
(C) ସାରଳା ପୁରସ୍କାର (D) ଜ୍ଞାନପୀଠ ପୁରସ୍କାର

Adda247

Test Prime By Adda247


# PREVIOUS YEAR PAPERS PDF

PRACTICE MORE, SCORE HIGHER!

PDF

Free 25,000+ PDF's

High-Quality | Exam-Wise | Updated Regularly




ATTEMPT AS MOCK

Turn PDFs into real exam experience.

Analyze. Improve. Succeed.

- Topic-wise & Exam-wise PDFs
- Download & Study Offline
- Attempt as Mock & Track Score
- Smart Analysis & Performance

AVAILABLE IN

Banking | SSC | Railway | Teaching | UGC | Agriculture | Nursing

Bihar | UP | Punjab | WB | Odisha | TN | AP & Telangana | Haryana

DOWNLOAD TEST PRIME

Adda247 GET IT ON Google Play

# ODIA

| Question No. | Key | Question No. | Key | Question No. | Key | Question No. | Key |
|---|---|---|---|---|---|---|---|
| 1 | D | 26 | C | 51 | D | 76 | B |
| 2 | C | 27 | D | 52 | A | 77 | C |
| 3 | B | 28 | A | 53 | B | 78 | D |
| 4 | C | 29 | D | 54 | C | 79 | A |
| 5 | A | 30 | C | 55 | D | 80 | B |
| 6 | B | 31 | B | 56 | A | 81 | C |
| 7 | C | 32 | A | 57 | C | 82 | B |
| 8 | C | 33 | C | 58 | D | 83 | C |
| 9 | D | 34 | D | 59 | C | 84 | A |
| 10 | B | 35 | D | 60 | B | 85 | D |
| 11 | B | 36 | B | 61 | A | 86 | B |
| 12 | A | 37 | B | 62 | C | 87 | C |
| 13 | D | 38 | A | 63 | D | 88 | D |
| 14 | C | 39 | C | 64 | A | 89 | A |
| 15 | C | 40 | A | 65 | A | 90 | B |
| 16 | A | 41 | B | 66 | D | 91 | D |
| 17 | B | 42 | C | 67 | B | 92 | C |
| 18 | A | 43 | D | 68 | C | 93 | A |
| 19 | D | 44 | C | 69 | C | 94 | C |
| 20 | C | 45 | B | 70 | B | 95 | B |
| 21 | B | 46 | A | 71 | C | 96 | D |
| 22 | C | 47 | A | 72 | A | 97 | C |
| 23 | D | 48 | C | 73 | C | 98 | A |
| 24 | A | 49 | D | 74 | D | 99 | C |
| 25 | B | 50 | B | 75 | B | 100 | B |

10.9.23